## ୬୭ ନୂଆ କରୋନା ଆକ୍ରାନ୍ତ

**ଭଦ୍ରକ ଅଫିସ:** ଭଦ୍ରକ ଜିଲାରୁ ଗତ ୨୪ ଘଣ୍ଟା ମଧ୍ୟରେ ୬୭ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏହାକୁ ମିଶାଇ ଜିଲାର ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୮,୬୧୨ ଛୁଇଁଛି। ସେଥିମଧ୍ୟରୁ ୭,୮୯୦ ଜଣ ସୁସ୍ଥ ହୋଇଥିବା ବେଳେ ୬୯୪ ଜଣ ସକ୍ରିୟ ଥିବା ସୂଚନା ମିଳିଛି।



## ସଂକ୍ଷେପରେ

### ଗ୍ୟାସ୍ ଟାଙ୍କି ଫାଟି ଯୁବକ ଗୁରୁତର

**ରସାଲପୁର,୨୮।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ସଦର ଥାନା ଅନ୍ତର୍ଗତ ଖାନନଗର ଗ୍ରାମରେ ବୁଧବାର ସକାଳେ ଗ୍ୟାସ୍ ଟାଙ୍କି ଫାଟି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ଧୃରେନ୍ଦ୍ର ବେହେରା। ଚିକିତ୍ସା ପାଇଁ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ପଡ଼ୋଶୀ ଅରୁଣ କୁମାର ମହାପାତ୍ରଙ୍କ ଘରେ ସେ ଗ୍ୟାସ୍ ଟାଙ୍କି ସଜାଡ଼ିବା ବେଳେ ଏହି ଅଘଟଣ ଘଟିଥିଲା। ଧୃରେନ୍ଦ୍ର ନିଆଁରେ ପୋଡ଼ି ଯିବା ସହ ଅରୁଣଙ୍କ ଟାଇଲି ଛପର ଘରେ ଅଗ୍ନିକାଣ୍ଡ ଘଟିଥିଲା। ଖବରପାଇ ଦମକଳ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ।

### ଜମି ଗଣ୍ଡଗୋଳ ମାମଲାରେ ୯ ଗିରଫ

**ବାଙ୍ଗିରିପୋଷି,୨୮।୪(ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ବୁଢ଼ିଖମାରୀ ପଞ୍ଚାୟତର ଯୋକା ଗ୍ରାମରେ ଜମିବାଡ଼ି ଗଣ୍ଡଗୋଳ ମାମଲାରେ ବୁଧବାର ପୋଲିସ ୯ ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଅଭିଯୁକ୍ତମାନେ ହେଲେ ବୁଧୁରାୟ ମୁର୍ମୁ, ସାଲଖୁ ମୁର୍ମୁ, ସିରୁ ମୁର୍ମୁ, ଚୈତନ୍ୟ ମୁର୍ମୁ, କୁଆଁର ମୁର୍ମୁ, କାଳିଆ ମୁର୍ମୁ, ଲାଖିନ ମୁର୍ମୁ, ସିରୁ ମୁର୍ମୁ। ଏକ ସରକାରୀ ଜମି ବିବାଦକୁ ନେଇ ଗତ ୧୪ ତାରିଖରେ ଅଭିଯୁକ୍ତମାନେ ଗ୍ରାମର ଶ୍ରୀମାଲ ହାଁସଦାଙ୍କୁ ଠେଙ୍ଗାରେ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏନେଇ ପୋଲିସ ଏକ ମାମଲା(ନଂ.୮୨/୨୧) ରୁଜୁ କରି ତଦନ୍ତ ଚଳାଇଥିଲା।

### ମଧୁବାବୁ ଜୟନ୍ତୀରେ ରକ୍ତଦାନ

**ପଦ୍ମପୁର, ୨୮।୪(ଡି.ଏନ.ଏ.):** ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ଅବସରରେ ବୁଧବାର ବାସୁଦେବପୁର ପ୍ରେସ୍ କ୍ଲବ ପକ୍ଷରୁ ନୀଳମଣି ଟାଉନ ହଲ୍‌ଠାରେ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଥାନାଧିକାରୀ ଗୌରାଙ୍ଗ ଚନ୍ଦ୍ର ସାହୁ ଏବଂ ଅନ୍ୟତମ ଅତିଥି ଭାବେ ଏଏସ୍‌ଆଇ ଚିତ୍ତରଞ୍ଜନ ଦାସ, ଚୁଡ଼ାମଣି ଥାନାଧିକାରୀ ମହମ୍ମଦ ହାଫିଜ, ଷ୍ଟେଟବ୍ୟାଙ୍କର ସହାୟକ ପରିଚାଳକ ଦିଲୀପ କୁମାର ବିଶ୍ୱାଳ ପ୍ରମୁଖ ଯୋଗ ଦେଇଥିଲେ। ଶିବିରରେ ୪୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା।

### ଯୁବକଙ୍କ ଆତ୍ମହତ୍ୟା

**ବାହାନଗା,୨୮।୪(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ଦ୍ୱାରିକା ଗ୍ରାମରେ ନନ୍ଦ ଦଳେଇ ନାମକ ଜଣେ ଯୁବକ ଆତ୍ମହତ୍ୟା କରିଛନ୍ତି। ସୂଚନା ଅନୁସାରେ, ମୃତ ନନ୍ଦଙ୍କ ଘର ସଦର ବ୍ଲକ ଅଧୀନ ପଦ୍ମପୁର ପଞ୍ଚାୟତର ବାଙ୍କେଶ୍ୱର ଗ୍ରାମରେ। ସେ ୪ ଦିନ ତଳେ ସ୍ତ୍ରୀଙ୍କ ସହ ଦ୍ୱାରିକା ଗ୍ରାମର ତାଙ୍କ ମାମୁଘରକୁ ବୁଲିବାକୁ ଆସିଥିଲେ। ମଙ୍ଗଳବାର ରାତିରେ ଉଭୟଙ୍କ ମଧ୍ୟରେ କୌଣସି କାରଣରୁ ପାଟିତୁଣ୍ଡ ହୋଇଥିଲା। ସମସ୍ତେ ଶୋଇବା ପରେ ନନ୍ଦ ବେକରେ ଦୌଡ଼ି ବାନ୍ଧି ଆତ୍ମହତ୍ୟା କରିଥିବା ତାଙ୍କ ମାମୁଘର ଲୋକେ କହିଛନ୍ତି। ବୁଧବାର ଗୋପାଳପୁର ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି। ଏ ନେଇ ଖନ୍ତାପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା (ନଂ. ୨୭/୨୧) ରୁଜୁ ହୋଇଛି।

### ବ୍ଲକ ବିଜେଡି ସଭାପତିଙ୍କ ପରଲୋକ

**ରାସଗୋବିନ୍ଦପୁର,୨୮।୪(ଡି.ଏନ.ଏ):** ମୟୂରଭଞ୍ଜ ଜିଲା ରାସଗୋବିନ୍ଦପୁର ବ୍ଲକ ବିଜୁ ଜନତା ଦଳର ସଭାପତି ବିଜୟକୁମାର ପରିଡ଼ାଙ୍କ ବୁଧବାର ସକାଳେ ହୃଦଘାତରେ ପରଲୋକ ଘଟିଛି। ମୃତ୍ୟୁ ଖବର ପାଇ ଓଡ଼ିଶା କୁଟୀର ଶିଳ୍ପ ନିଗମର ଅଧକ୍ଷ ଦେବାଶିଷ ମହାନ୍ତି, ସ୍ୱତନ୍ତ୍ର ଉନ୍ନୟନ ପରିଷଦର ପୂର୍ବତନ ଅଧକ୍ଷ ଦେବାଶିଷ ମାରାଣ୍ଡି, ଜିଲା ବିଜେଡି ଉପସଭାପତି ଡା.ଆଦିତ୍ୟକୁମାର ପଣ୍ଡା, ମୀନକେତନ ମହାନ୍ତି, ଉତ୍ତମକୁମାର ମହାନ୍ତି, ଅରୁଣ କୁମାର ମହାନ୍ତି, ଜଗନ୍ନାଥ ଦାସ, ହେମନ୍ତ ରାଉଳଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ବାସଭବନରେ ପହଞ୍ଚି ଶେଷଦର୍ଶନ କରିଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ସୁଧୀର, ଅଧୀର ଓ କନ୍ୟା ନମିତା ଉପସ୍ଥିତ ଥିଲେ।

# ୫ ଜଣ ଏକାଠି ହେଲେ କାର୍ଯ୍ୟାନୁଷ୍ଠାନ

- କୋଭିଡ୍ ସ୍ଥିତି ଉପରେ ଜିଲାପାଳଙ୍କ ଆଲୋଚନା
- ହସ୍ପିଟାଲରେ ବେଡ୍ ସଂଖ୍ୟା ବୃଦ୍ଧି ସହ ଏସ୍‌ଓପି ଜାରି

**କେନ୍ଦୁଝର, ୨୮।୪ (ସ୍ୱ.ପ୍ର./ଡି.ଏନ.ଏ.)**


ଖବରଦାତା ସମ୍ମିଳନୀରେ ଜିଲାପାଳ ଆଶିଷ ଠାକ୍‌ରେ ସୂଚନା ଦେଉଛନ୍ତି।

କେନ୍ଦୁଝର ଜିଲାରେ କରୋନାର ଦ୍ୱିତୀୟ ଲହରରେ ସ୍ଥିତି ଗୁରୁତର ହୋଇପଡୁଛି। ବିଶେଷ କରି ସହରାଞ୍ଚଳରେ ପଜିଟିଭ୍ ସଂଖ୍ୟା ଅଧିକ ଥିବାରୁ ଏହାର ସ୍ଥିତି ଅଧିକ ଗୁରୁତର। ଏଥିପାଇଁ ଜିଲାପାଳ ଆଶିଷ ଠାକରେ ଏକ ଖବରଦାତା ସମ୍ମିଳନୀ ଡାକି ଜାରି କରାଯାଇଥିବା ନୂତନ ଗାଇଡ ଲାଇନ ଓ ଏସଓପି ଉପରେ ଜଣାଇଛନ୍ତି। ସହରାଞ୍ଚଳ ତଥା ଏହାକୁ ଲାଗିଥିବା ପଞ୍ଚାୟତ ଅଞ୍ଚଳରେ ଏକସଙ୍ଗରେ ୫ରୁ ଅଧିକ ଲୋକ ଏକାଠି ଉପରେ କଟକଣା ଲାଗୁ କରାଯିବା ସହ ୧୪୪ ଧାରା ଲଗାଇବା ପାଇଁ ଉପଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

କରୋନା ଟେଷ୍ଟ ପାଇଁ ମେଡିକାଲରେ ଦେଖାଦେଉଥିବା ଭିଡକୁ ଦେଖି ଏହାକୁ ପୂର୍ବବର୍ଷ ଭଳି ସ୍ଥାନୀୟ ଡି.ଏନ.ହାଇସ୍କୁଲରେ ଟେଷ୍ଟ ନିଷ୍ପତ୍ତି ନିଆଯାଇଥିବା କହିଛନ୍ତି। ଟେଷ୍ଟ ପାଇଁ ନମୁନା ଦେବା ପରେ ସମସ୍ତେ ଘରେ ସଙ୍ଗରୋଧରେ ରହିବାକୁ କହିଥିଲେ। ଅଧିକ ରୋଗୀ ଗୁରୁତର ହୋଇପଡୁଥିବା କାରଣରୁ ଏବଂ ଅଧିକ ଅକ୍ସିଜେନର ଆବଶ୍ୟକତା ପଡୁଥିବାରୁ କୋଭିଡ ହସ୍ପିଟାଲରେ ବେଡ ସଂଖ୍ୟା ବୃଦ୍ଧି କରିବା ସହ କୋଭିଡ କେୟାର ସେଣ୍ଟରରେ ବେଡ ସଂଖ୍ୟା ବୃଦ୍ଧି କରାଯାଉଥିବା କହିଛନ୍ତି। ଏଥିପାଇଁ କର୍ମଚାରୀ ଓ ମେଡିକାଲ କର୍ମଚାରୀ ନିଯୁକ୍ତ ହୋଇସାରିଥିବା କହିଛନ୍ତି।

ରାଙ୍କି ସ୍ଥିତ କୋଭିଡ ହସ୍ପିଟାଲରେ ଅକ୍ସିଜେନ ଯୁକ୍ତ ବେଡ ସଂଖ୍ୟାକୁ ୧୩୦କୁ ବୃଦ୍ଧି କରାଯାଇଛି। କେନ୍ଦୁଝରରେ ୨, ଯୋଡା, ବଡବିଲ ଚମ୍ପୁଆ, ଆନନ୍ଦପୁରରେ ଥିବା କୋଭିଡ କେୟାର ସେଣ୍ଟର୍‌ରେ ସମୁଦାୟ ୩୯୦ ସାଧାରଣ ଓ ୧୨୦ ଅକ୍ସିଜେନ ଯୁକ୍ତ ବେଡ୍ ରହିଛି। ଜିଲା ମୁଖ୍ୟାଳୟରେ ଅଧିକ ୭୫୦ ବେଡ ବିଶିଷ୍ଟ କୋଭିଡ କେୟାର ସେଣ୍ଟର ପ୍ରସ୍ତୁତ କରାଯାଉଛି। ଜିଲାରେ ଅଧିକ ଅକ୍ସିଜେନ ବେଡ୍ ପ୍ରସ୍ତୁତ କରି ୪୫୦ ପର୍ଯ୍ୟନ୍ତ ବୃଦ୍ଧି କରାଯିବ ବୋଲି କହିଛନ୍ତି। ବର୍ତ୍ତମାନ ରାଙ୍କି ହସ୍ପିଟାଲରେ ଜମ୍ବୋ ସିଲିଣ୍ଡର ୧୦୫ରୁ (୬୦ଟି ବ୍ୟବହାର ହେଉଛି) ଓ ଛୋଟ ସିଲିଣ୍ଡର ୧୩୯ରୁ (୫୯)ଟି ବ୍ୟବହାର ହୋଇଛି) ରହିଛି। ଅନ୍ୟ ହସ୍ପିଟାଲ ଓ ସେଣ୍ଟରରେ ୫୪୧-ବି ଟାଇପ ସିଲିଣ୍ଡର ଓ ୪୬-ଡି ଟାଇପ ସିଲିଣ୍ଡର ମହଜୁଦ ଅଛି। ସେହିପରି କୋଭିଡ ହସ୍ପିଟାଲର ଆବଶ୍ୟକତା ଦୂର କରିବା ପାଇଁ ଅକ୍ସିଜେନ ଜେନେରେଟର ପ୍ରତିଷ୍ଠା କରାଯାଇଥିବା ବେଳେ ଆବଶ୍ୟକତା ପୂରଣ ପାଇଁ ବିଭିନ୍ନ ସଂସ୍ଥା ସହିତ ଯୋଗାଯୋଗ ରଖାଯାଇଛି ବୋଲି ଜିଲାପାଳ କହିଛନ୍ତି। ଭୟ କରିବା ଦରକାର ନାହିଁ। ସମସ୍ତେ ସହଯୋଗ କରିବା ସହ ସଚେତନ ରହି କୋଭିଡ ନିୟମକୁ ପାଳନ କରିବା ପାଇଁ ଜନସାଧାରଣଙ୍କୁ ଅନୁରୋଧ କରାଯାଇଛି। ପଜିଟିଭ କେସ୍‌କୁ ଟ୍ରାକ କରାଯାଉଥିବାବେଳେ ଅଧିକ ଗୁରୁତର ଥିବା ରୋଗୀଙ୍କୁ ପ୍ରାଧାନ୍ୟ ଦିଆଯାଉଛି। ତେବେ କେନ୍ଦୁଝର ପୌରାଞ୍ଚଳରେ ଘର ଘର ବୁଲି ସର୍ଭେ କରାଯାଉଛି।

## ୨୬ ଲକ୍ଷର ବ୍ରାଉନସୁଗାର ଜବତ

### ୨ ମହିଳାଙ୍କ ସମେତ ୪ ଗିରଫ


ଗିରଫ ୪ ଅଭିଯୁକ୍ତ।

**ଭଦ୍ରକ ଅଫିସ, ୨୮।୪**

ଭଦ୍ରକ ଜିଲା ଚରମ୍ପା-ଧାମରା ରେଲୱେ ଓଭରବ୍ରିଜ୍ ନିକଟରୁ ବୁଧବାର ପୋଲିସ ୨୬୫ ଗ୍ରାମ୍‌ର ବ୍ରାଉନସୁଗାର ଜବତ କରିଛି। ଏଥିରେ ସମ୍ପୃକ୍ତ ୪ ଜଣଙ୍କୁ ଗିରଫ କରାଯାଇଛି। ସେମାନଙ୍କ ମଧ୍ୟରେ ୨ ଜଣ ମହିଳା ଥିବା ଗ୍ରାମାଞ୍ଚଳ ଥାନା ପରିସରରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ଅତିରିକ୍ତ ଏସ୍‌ପି ଯତୀନ ପଣ୍ଡା ସୂଚନା ଦେଇଛନ୍ତି।

ରେଲୱେ ଓଭରବ୍ରିଜ୍ ପାଖରେ ପୋଲିସର ସନ୍ଦେହ ହେବାରୁ ଏକ ନମ୍ବର ବିହୀନ ମୋଟର ସାଇକେଲକୁ ଅଟକାଇ ଯାଞ୍ଚ କରିଥିଲା। ବାଇକ୍‌ରେ ଥିବା ୨ ଯୁବକଙ୍କ ପାଖରୁ ମୋବାଇଲ, ମୋଟର ସାଇକେଲ ସମେତ ବ୍ରାଉନସୁଗାରର କିଛି ପୁଡ଼ିଆ ଜବତ ହୋଇଛି। ଜବତ ବ୍ରାଉନସୁଗାରର ଆନୁମାନିକ ମୂଲ୍ୟ ୨୬ ଲକ୍ଷ ହେବ। ସେମାନଙ୍କ ସହ ସମ୍ପୃକ୍ତ ଚରମ୍ପା ବଉଳପୋଖରୀ ଅଞ୍ଚଳର ଦୁଇ ମହିଳା ବେପାରୀଙ୍କୁ ପୋଲିସ ଟିମ୍ ଗିରଫ କରିଛି। ସେମାନେ ହେଲେ ଡାହାଣୀଗଡ଼ିଆର ବିଶାଳ ଶର୍ମା, ବାଲେଶ୍ୱର ଝାଡ଼େଶ୍ୱରର ଶେଖ୍ ବବୁଲ, ବଉଳପୋଖରୀର ବର୍ଷାରାଣୀ ମଲ୍ଲିକ ଓ ବଚନ ମଲ୍ଲିକ। ଏ ନେଇ ଥାନାରେ ମାମଲା (ନଂ.୨୦୦/୨୧) ରୁଜୁ କରାଯାଇଛି। ତେବେ ଏଥିରେ ଆଉ କାହାର ସମ୍ପୃକ୍ତି ରହିଛି ସେନେଇ ଅଧିକ ତଦନ୍ତ ଜାରି ରହିଥିବା ଅତିରିକ୍ତ ଏସ୍‌ପି ପଣ୍ଡା କହିଛନ୍ତି।

## ଜମି ଠକେଇର ଶିକାର ହେଲେ ମହିଳା

**ବାଲେଶ୍ୱର ଅଫିସ,୨୮।୪**

ବାଲେଶ୍ୱର ସଦର ଥାନା ଅଧୀନ ଫକୀରମୋହନ ନଗର ଅଞ୍ଚଳର ଜଣେ ମହିଳା ଜମି ଠକେଇର ଶିକାର ହୋଇଥିବା ବାଲେଶ୍ୱର ଜେଏମ୍‌ଏଫ୍‌ସିଙ୍କ ନିକଟରେ ଅଭିଯୋଗ ହୋଇଛି। ଅଦାଲତ ପକ୍ଷରୁ ଅଭିଯୋଗକୁ ଗ୍ରହଣ କରାଯାଇ ଅଭିଯୋଗକାରୀଙ୍କ ବିରୋଧରେ ଧାରା ୪୨୦, ୪୬୭, ୪୬୮, ୪୪୮, ୨୯୪, ୫୦୬ ଓ ୩୪ରେ ମାମଲା ହୋଇଛି।

ଫକୀରମୋହନ ନଗର ଅଞ୍ଚଳରେ ବସବାସ କରୁଥିବା ବିଧବା ଗିରିରାଜ ନନ୍ଦିନୀ ନାୟକଙ୍କ ସ୍ୱାମୀଙ୍କର ପୈତୃକ ସମ୍ପତ୍ତି ସମ୍ପର୍କରେ କୋର୍ଟରେ ମାମଲା ଚାଲିଥିଲା। ସ୍ୱାମୀଙ୍କ ମୃତ୍ୟୁ ପରେ ତାଙ୍କର ସମ୍ପର୍କୀୟ ନଣନ୍ଦ ଓ ଭଣଜା ଅଜାଣତରେ ୨୦୧୨ରେ ଜମିଜମା ବୁଝିବା ସଂକ୍ରାନ୍ତ ଏକ କ୍ଷମତାପତ୍ର କରାଇ ନେଇଥିଲେ। ପରେ ଉକ୍ତ କ୍ଷମତାପତ୍ର ବଳରେ ସେମାନେ ଜମି ବିକ୍ରି କରିଦେଇଥିଲେ। ମୂଲ୍ୟବାନ ଜମିକୁ ଲକ୍ଷାଧିକ ଟଙ୍କାରେ ବିକ୍ରି ହୋଇଥିବା ଜାଣିପାରି ଗିରିରାଜ ନନ୍ଦିନୀ କ୍ଷମତାପତ୍ର ବାତିଲ୍ କରିଥିଲେ। ସେ ସଦର ଥାନାରେ ଠକେଇର ଶିକାର ହୋଇଥିବା ନେଇ ଅଭିଯୋଗ କରିଥିଲେ ମଧ୍ୟ ମାମଲା ରୁଜୁ ହୋଇ ନ ଥିଲା। ୨୦୨୦ରେ ସେ ତାଙ୍କ ସମ୍ପର୍କୀୟଙ୍କ ସମେତ ଏହି ଜମି କିଣିଥିବା ବ୍ୟକ୍ତିଙ୍କ ବିରୋଧରେ ଜେଏମ୍‌ଏଫ୍‌ସିଙ୍କ ଦ୍ୱାରସ୍ଥ ହୋଇଥିଲେ। ଜମି କିଣିଥିବା ବ୍ୟକ୍ତି ତାଙ୍କୁ ପରୋକ୍ଷରେ ଧମକ ଦେଉଥିବା ମଧ୍ୟ ସେ ଅଦାଲତଙ୍କୁ ଲିଖିତ ଭାବେ ଅବଗତ କରାଇଛନ୍ତି ବୋଲି ପ୍ରକାଶ କରିଛନ୍ତି।

## କରୋନା ସଚେତନତା

**ଆରଡ଼ି,୨୮।୪( ଡି.ଏନ.ଏ.)**

ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦର ଚାନ୍ଦବାଲି ନଗର ଶାଖା ପକ୍ଷରୁ ଚାନ୍ଦବାଲି ଡାକ୍ତରଖାନା, ପୋଷ୍ଟ ଅଫିସ୍, କୋର୍ଟ, ବଜାର ଆଦି ଜନଗହଳି ସ୍ଥାନକୁ ସାନିଟାଇଜ୍ କରାଯାଇଛି। ପୂର୍ବ ଅପେକ୍ଷା ଚାନ୍ଦବାଲି ଅଞ୍ଚଳରେ କରୋନା ସଂକ୍ରମଣ ବଢ଼ି ଚାଲିଥିବାରୁ ବିଭିନ୍ନ ସ୍ଥାନରେ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଚାନ୍ଦବାଲି କାଳୀପଡ଼ିଆରୁ ବଡ଼ବଜାର ଯାଏ ଲୋକଙ୍କୁ ସଚେତନ କରାଇଥିଲେ। ପରିଷଦର ନଗର ସଭାପତି ବିଶ୍ୱମୋହନ ଜେନା, ସମ୍ପାଦକ ଆଲୋକ ନାୟକ, ଝୁନାରାଣୀ ସାମଲ, ବିନ୍ଦୁସାର ରାଉତ, ଅମିତ ମାଝୀ, ମିତାଲି ରାଉଳ, ସସ୍ମିତା ମହାଳିକ, ପ୍ରଭାତି ସ୍ୱାଇଁ, ବିଜୁନ ନାୟକ, ଶ୍ୱେତପଦ୍ମା ବେହେରା, ଅର୍ଘ୍ୟରୂପା ସିଂ ପ୍ରମୁଖ କାର୍ଯ୍ୟକ୍ରମରେ ସାମିଲ ଥିଲେ।

## ୬ ବ୍ଲକ ଶିକ୍ଷାଧିକାରୀ ପଦବୀ ଖାଲି



**ବାରିପଦା ଅଫିସ,୨୮।୪**

ମୟୂରଭଞ୍ଜ ଜିଲାର ୬ଟି ବ୍ଲକରେ ଶିକ୍ଷାଧିକାରୀ(ବିଇଓ)ପଦବୀ ଫାଙ୍କା ପଡ଼ିଛି। ଜିଲାର କେତେକ ବିଦ୍ୟାଳୟରେ ଶିକ୍ଷକ ଶିକ୍ଷୟିତ୍ରୀ ନ ଥିବାରୁ ଶିକ୍ଷାଦାନ କ୍ଷେତ୍ରରେ ସମସ୍ୟା ସୃଷ୍ଟି ହେଉଛି। ଜିଲାର ୨୬ ବ୍ଲକ ମଧ୍ୟରୁ କପ୍ତିପଦା, କୁଳିଅଣା, ସାରସକଣା, ବଡ଼ସାହି, କୁସୁମୀ, ଠାକୁରମୁଣ୍ଡା ଭଳି ବ୍ଲକରେ ବିଇଓ ନାହାନ୍ତି। ସେହିପରି ୭୮ ଏବିଇଓ ପଦବୀ ମଧ୍ୟରୁ ୧୮ଟି ଖାଲି ପଡ଼ିଛି। ଜଣେ ବ୍ଲକ ଶିକ୍ଷାଧିକାରୀ ୨ରୁ ୩ଟି ବ୍ଲକର ଦାୟିତ୍ୱ ନେବା ଯୋଗୁ ଅନେକ ସମସ୍ୟାର ସମାଧାନ ହୋଇପାରୁନାହିଁ। ଦୀର୍ଘ ଦିନ ହେବ ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଦୁଇ ଅତିରିକ୍ତ ଶିକ୍ଷାଧିକାରୀ ପଦ ପୂରଣ ହୋଇପାରୁନାହିଁ। ଜିଲାରେ ୨୨ ପୁରାତନ ଉଚ୍ଚବିଦ୍ୟାଳୟ ରହିଥିଲା ବେଳେ ୨୨୭ ନୂତନ ସରକାରୀ ଉଚ୍ଚବିଦ୍ୟାଳୟ ଏବଂ ୪୨ ବିଦ୍ୟାଳୟ ମାଧ୍ୟମିକରୁ ଉଚ୍ଚବିଦ୍ୟାଳୟ ମାନ୍ୟତା ପାଇ ସର୍ବମୋଟ ସରକାରୀ ଅନୁଦାନ ପ୍ରାପ୍ତ ୨୯୧ଟି ଉଚ୍ଚବିଦ୍ୟାଳୟ ରହିଛି। ସେହିପରି ମୋଟ ୨୨୨୭ ଶିକ୍ଷକ ପଦବୀ ମଧ୍ୟରୁ ୧୫୯୨ ଜଣ ଶିକ୍ଷକ ରହିଥିଲା ବେଳେ ୬୩୫ ପଦବୀ ଖାଲି ରହିଛି। ତେବେ ଶିକ୍ଷା ବିଭାଗ ଛାତ୍ରୀଛାତ୍ରଙ୍କ ଶିକ୍ଷଣ ଉନ୍ନତି ନିମନ୍ତେ କେବେ ଯତ୍ନବାନ ହେବେ ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିକ୍ଷା ବିଭାଗ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି।

## ନିୟମ କଡ଼ାକଡ଼ି ଲାଗି ବୈଠକ


ବ୍ଲକ କାର୍ଯ୍ୟାଳୟରେ ଆଲୋଚନା କରାଯାଉଛି।

**ତେଲକୋଇ, ୨୮।୪(ଡି.ଏନ.ଏ.)**

ତେଲକୋଇ ଉପାନ୍ତ ଅଞ୍ଚଳରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ବୁଧବାର ବିଡିଓଙ୍କ ଅଧ୍ୟକ୍ଷତାରେ ସମସ୍ତ ପ୍ରଶାସନିକ ଅଧିକାରୀ ଓ ବଣିକ ସଂଘର ପ୍ରତିନିଧିଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଣିକ ସଂଘ ପକ୍ଷରୁ ପ୍ରତି ସପ୍ତାହରେ ସକାଳ ୭ଟାଠାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଖୋଲା ରହିବ। ସେହିପରି ଶନିବାର ରବିବାର ଶଟ୍‌ଡାଉନକୁ କଡ଼ାକଡ଼ି କରିବା ପାଇଁ ଅନୁରୋଧ କରିଥିଲେ। ଏ ନେଇ ବଣିକ ସଂଘ ପକ୍ଷରୁ ବୁଧବାର ବଜାର ଅଞ୍ଚଳରେ ନୋଟିସ ମରାଯାଇଛି। ପ୍ରତି ହାଟରେ ଭିଡ଼କୁ ରୋକାଗଲେ କରୋନା ସଂକ୍ରମିତ ବୃଦ୍ଧିକୁ ରୋକାଯାଇପାରିବ ବୋଲି ମତ ପ୍ରକାଶ ହୋଇଥିଲା। ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ବିଡିଓ ଦିଲିପ କୁମାର ବାରା, ତହସିଲଦାର ଅଶ୍ୱିନ କୁମାର ନାୟକ, ଥାନା ଅଧିକାରୀ ଅମିତାଭ ଦାସଙ୍କ ସହିତ ଅନ୍ୟ ଅଧିକାରୀ ସାମିଲ ଥିଲେ। ସେହିପରି ବଣିକ ସଂଘର ସଭାପତି ଧନେଶ୍ୱର ବେହେରା, ସମ୍ପାଦକ ପ୍ରଭାତ କୁମାର ସାହୁଙ୍କ ସହିତ ଅନ୍ୟ ସଭ୍ୟ ଉପସ୍ଥିତ ଥିଲେ।

## ସବ୍‌ଜେଲ ପରିସରରେ ରକ୍ତଦାନ ଶିବିର

**ଜଳେଶ୍ୱର, ୨୮।୪(ଡି.ଏନ୍.ଏ.)**

ବାଲେଶ୍ୱର ଜିଲାର ଉତ୍ତର ସୀମାନ୍ତ ଜଳେଶ୍ୱର ମ୍ୟୁନିସିପାଲଟିରେ ଥିବା ସବ୍‌ଜେଲ ମଧ୍ୟରେ ବୁଧବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଓ ଚକ୍ରବର୍ତ୍ତୀ ପାଠାଗାର ପ୍ରତିଷ୍ଠା ହୋଇଯାଇଛି। ଅନୁଷ୍ଠିତ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରେ ବିଚାରାଧୀନ କଏଦୀମାନଙ୍କ ଠାରୁ ୩୨ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଜେଲ ମଧ୍ୟରେ ଥିବା ବିଚାରାଧୀନ କଏଦୀଙ୍କ ପାଠପଢ଼ା ଲାଗି ଏକ ଦାତବ୍ୟ ପାଠାଗାର ମଧ୍ୟ ଖୋଲାଯାଇଛି। ରକ୍ତଦାନ ଶିବିରକୁ ଆଇଆଇସି ମାନସ କୁମାର ଦେଓ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ସମାଜସେବୀ କମଳ ଚକ୍ରବର୍ତ୍ତୀଙ୍କ ପକ୍ଷରୁ ଏହି ପାଠାଗାର ଲାଗି ୪୦୦ରୁ ଊର୍ଦ୍ଧ୍ୱ ବହି, ଚେୟାର, ଟେବୁଲ, ର୍ୟାକ୍ ଇତ୍ୟାଦି ଯୋଗାଇ ଦିଆଯାଇଛି। ସବ୍‌ଜେଲର ଅନୁସୂୟା ଷଡଙ୍ଗୀ ଏହି ଜେଲକୁ ଏକ ମଡେଲ ଜେଲରେ ପରିଣତ କରିବାଲାଗି ଚେଷ୍ଟା ଅବ୍ୟାହତ ରଖିଥିବା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡାକ୍ତର ମହେଶ ବିଶ୍ୱାଳ, ଯୋଗେଶ୍ୱର ଦାସ, ଲକ୍ଷ୍ମୀଧର ବାରିକ, ସବ୍‌ନମ ମହାପାତ୍ର, ମନୋରଞ୍ଜନ ଦାସ, ସତ୍ୟନାରାୟଣ ବେହେରା, ସଞ୍ଜୟ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

## ଯୁବତୀଙ୍କୁ ବଳାତ୍କାର: ଅଭିଯୁକ୍ତ ଗିରଫ

**ରାଇରଙ୍ଗପୁର,୨୮।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଗୋରୁମହିଷାଣି ଥାନା ଅଞ୍ଚଳର ଜନୈକା ଯୁବତୀଙ୍କୁ ବଳାତ୍କାର ଅଭିଯୋଗରେ ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ବହଳଦା ଥାନା ଅନ୍ତର୍ଗତ ଟାଙ୍ଗରଯୋଡ଼ା ଗ୍ରାମର ଗୋଲାରାମ ବାନାରା ବୋଲି ଜଣାପଡ଼ିଛି। ପୀଡ଼ିତା ଓ ଅଭିଯୁକ୍ତଙ୍କର ଡାକ୍ତରୀମାଇନା କରାଯାଇଛି। ଅଭିଯୁକ୍ତ ଯୁବକ ଜଣକ ପୀଡ଼ିତାଙ୍କୁ ଭଲ ପାଉଥିଲେ। ଗତ ରବିବାର ସେ ପୀଡ଼ିତାଙ୍କୁ ଘର ପାଖ ଜଙ୍ଗଲକୁ ଡକାଇ ବିବାହ ପ୍ରତିଶ୍ରୁତି ଦେଇ ସେଠାରେ ବଳାତ୍କାର କରିଥିଲେ। ପରେ ସେ ପୀଡ଼ିତାଙ୍କୁ ଜଙ୍ଗଲରେ ଏକା ଛାଡ଼ି ପଳାଇଥିଲେ। ଏନେଇ ପୀଡ଼ିତା ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା(ନଂ.୭୮/୨୧) ରୁଜୁ କରି ତଦନ୍ତ ଜାରି ରଖିଥିବା ଥାନା ଅଧିକାରୀ ପ୍ରଶାନ୍ତ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

# ଜୀବନ ବଞ୍ଚାଉଛି ଚୁଆପାଣି

**କପ୍ତିପଦା,୨୮।୪(ଡି.ଏନ୍.ଏ.)**


ମହିଳାମାନେ ଚୁଆପାଣି ସଂଗ୍ରହ କରୁଛନ୍ତି।

ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ ଅଧୀନ ଶରତ ପଞ୍ଚାୟତର ଅଶ୍ୱକୋଟୀ ସାରଜମଡ଼ି ଗ୍ରାମ ଏବେ ବି ପ୍ରଶାସନର ଦୃଷ୍ଟି ଆଢୁଆଳରେ ରହିଛି। ଏଠାରେ ବାସ କରୁଥିବା ଆଦିବାସୀ ସମ୍ପ୍ରଦାୟର ୩୦୦ ଊର୍ଦ୍ଧ୍ୱ ଲୋକ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ଅଭିଯୋଗ ପରେ ମଧ୍ୟ ପ୍ରଶାସନ ନିଦାବିଷ୍ଟ ସାଜିଛି। ଅଦ୍ୟାବଧି ଏହି ଗ୍ରାମର ଲୋକେ ଚୁଆ ପାଣି ପିଉଛନ୍ତି। ସରକାରୀ ଭାବେ ଏହି ଗାଁରେ କେବଳ ଗୋଟିଏ ଛୋଟ ଗଡ଼ିଆ ଓ ୨ଟି ନଳ କୂଅ ରହିଛି। ଯାହାକି ଖରାଦିନେ ଶୁଖିଯାଏ। ବର୍ତ୍ତମାନ ଗ୍ରାମରେ ସେହି ପରିସ୍ଥିତି ଦେଖା ଦେଇଥିବା ବେଳେ ଲୋକେ ବିଲରେ ଚୁଆ ଖୋଳି ସେହି ପାଣିକୁ ବ୍ୟବହାର କରିବା ପାଇଁ ବାଧ୍ୟ ହେଉଛନ୍ତି। ଗାଁରେ ଛୋଟ ଛୋଟ ପିଲା ଗୋଳିଆ ପାଣି ଗଡ଼ିଆରେ ଗାଧୋଇବା ଓ ଚୁଆ ପାଣି ପିଇ ବହୁ ଦୂରାରୋଗରେ ପଡୁଥିବା କୁହନ୍ତି ପାନମଣୀ ସିଂ ଓ ଗୁରୁବାରୀ ସିଂ। ଗାଁରେ ଥିବା ନଳକୂଅର ଜଳସ୍ତର ଖରା ଦିନେ ତଳକୁ ଚାଲି ଯାଉଥିବାରୁ ପାଣି ବାହାରୁ ନାହିଁ। ପଥୁରିଆ ଅଞ୍ଚଳ ଆଳ କରି ଜଳସ୍ତର ଠିକ୍ ଭାବେ ନ ଥିବାରୁ ନୂତନ ନଳକୂପ ମଧ୍ୟ ଖୋଳା ଯାଉ ନାହିଁ। ଚୁଆ ପାଣି ଲୋକଙ୍କ ଜୀବନ ବଞ୍ଚାଉଥିବା କୁହନ୍ତି ବିଜୟ ସିଂ ଓ ଶିବୁ ସିଂ। ଖରା ଦିନ ପାଇଁ ବିଭାଗ ପକ୍ଷରୁ ୨ ଦିନରେ ଥରେ ଟ୍ୟାଙ୍କର ପାଣି ଯୋଗାଇ ଦିଆଯିବ ବୋଲି ଶୁଣିବାକୁ ମିଳୁଥିବା ଜଙ୍ଗଲ ରାସ୍ତାରେ ୧କି.ମି ଦୂର ପାଣି ଆଣିବାକୁ ଯିବାକୁ ପଡୁଛି ବୋଲି ଜିତେନ୍ଦ୍ର ସିଂ କହିଛନ୍ତି। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ପଚାରିବାରୁ ସାରଜମଡ଼ିରେ ଗୋଟିଏ ନଳକୂଅ ଖୋଳା ଯାଇଥିବା ବେଳେ ଅନ୍ୟ ଗୋଟିଏ ପାଇଁ ପ୍ରସ୍ତାବ ରହିଛି। ପଥୁରିଆ ଜାଗା ହୋଇଥିବାରୁ ସମସ୍ୟା ରହୁଛି। ଖରାଦିନେ ଟ୍ୟାଙ୍କର ଯୋଗେ ଲୋକଙ୍କୁ ପାଣି ଯୋଗାଇ ଦିଆଯିବାର ବ୍ୟବସ୍ଥା କରାଯାଉଛି ବୋଲି ସେ କହିଛନ୍ତି।

**ଭାରତୀୟ ରିଜର୍ଭ ବ୍ୟାଙ୍କ**
ମାନବ ସମ୍ବଳ ପରିଚାଳନା ବିଭାଗ
ପଣ୍ଡିତ ଜବାହାରଲାଲ ନେହେରୁ ମାର୍ଗ
ଭୁବନେଶ୍ୱର-୭୫୧୦୦୧, ଓଡ଼ିଶା

କାର୍ଯ୍ୟାଳୟରେ ଯୋଗାଣକାରୀ/ମୁଦ୍ରକମାନଙ୍କୁ ତାଲିକାଭୁକ୍ତ କରିବା ପାଇଁ ଟେଣ୍ଡର ବିଜ୍ଞପ୍ତି
(ପ୍ୟାନେଲ ବର୍ଷ ଜୁଲାଇ ୨୦୨୧- ମାର୍ଚ୍ଚ ୨୦୨୪)

ଭାରତୀୟ ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଏହାର ସ୍ୱୀକୃତି ପ୍ରାପ୍ତ ତାଲିକାରେ ଅନ୍ତର୍ଭୁକ୍ତ ହେବା ପାଇଁ ଇଚ୍ଛୁକ ଲିଖନ ସାମଗ୍ରୀ, କମ୍ପ୍ୟୁଟର ସାମଗ୍ରୀ ଏବଂ ସଫେଇ ସାମଗ୍ରୀଗୁଡ଼ିକର ଯୋଗାଣକାରୀ/ମୁଦ୍ରକମାନଙ୍କ ଠାରୁ ବନ୍ଦ ଲଫାପାରେ ଦରଖାସ୍ତ ଆହ୍ୱାନ କରୁଅଛି। ଏହି ସମ୍ପର୍କରେ ବିସ୍ତୃତ ବିବରଣୀ ଏବଂ ଆବେଦନ ପତ୍ର ପାଇଁ ଦୟାକରି ବ୍ୟାଙ୍କର ୱେବ୍‌ସାଇଟ୍ (www.rbi.org.in)ରେ ଥିବା "Tender" ବିଭାଗ ଦେଖନ୍ତୁ (https://www.rbi.org.in/Scripts/BS_ViewTenders.aspx)
ନିର୍ଦ୍ଦିଷ୍ଟ ଆବେଦନ ପତ୍ର ଏବଂ ବିସ୍ତୃତ ବିବରଣୀ, ଭାରତୀୟ ରିଜର୍ଭ ବ୍ୟାଙ୍କ, ସି.ଆର୍.ଡ଼ି.ଏସ୍., ଏଚ୍.ଆର୍.ଏମ୍.ଡି., ଦ୍ୱିତୀୟ ମହଲା, ଭୁବନେଶ୍ୱର-୭୫୧୦୦୧ରୁ ମଧ୍ୟ ସଂଗ୍ରହ କରାଯାଇ ପାରିବ। ସମ୍ପୂର୍ଣ୍ଣ ଭାବରେ ପୂରଣ ହୋଇଥିବା ଦରଖାସ୍ତ ଗ୍ରହଣ କରିବାର ଶେଷ ତାରିଖ ୨୦ ମଇ, ୨୦୨୧।
ଅଧିକାରପ୍ରାପ୍ତ ହସ୍ତାକ୍ଷରକର୍ତ୍ତା

**OFFICE OF THE EXECUTIVE ENGINEER,
R.W.S.&S. DIVISION, NUAPADA**
E-mail: eerwssnpd@rediffmail.com
1st Corrigendum to Bid Identification No. RWS&S_02/2021-22
No.O-109:- Remaining unaltered of all terms and conditions, the following changes are hereby made to Bid Identification No. RWS&S_02/2021-22 of the Executive Engineer, RWS&S Division, Nuapada by virtue of this corrigendum as mentioned below:

| As per Original NIT | As per Corrigendum |
|---|---|
| Date and Time of availability of bid document in the portal: 26.04.2021 at 10.00 A.M. | Date and Time of availability of bid document in the portal: 04.05.2021 at 10.00 A.M. |
| Last date /Time for receipt of bids in the portal : 05.05.2021 up to 5.00 P.M. | Last date /Time for receipt of bids in the portal : 11.05.2021 up to 5.00 P.M. |
| Date of Opening of bid: 07.05.2021 at 11.00 A.M. | Date of Opening of bid : 13.05.2021 at 11.00 A.M. |

Sd./- 27.04.21 (Er. G. C. Nayak)
Executive Engineer, RWSS Division, Nuapada
OIPR-25043/11/0005/2122

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର - ୭୫୧୦୦୧
ଫୋନ୍ : (୦୬୭୪) ୨୩୯୩୫୨୪
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ : (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ : www.oshb.org
No. CAD-195
ପତ୍ର ସଂଖ୍ୟା : ୨୨୦ — **ବିଜ୍ଞାପନ** — ତା. : ୧୬।୪।୨୧

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଡୁମୁଡୁମା, ଦ୍ୱିତୀୟ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଘର ନଂ-ଏଲ୍-୧୬୭୦ (L-1670) ଟି କୁ ଶ୍ରୀ ଅନୀଲ୍ କୁମାର ଦାଶ, ପି-ସ୍ୱ ଦୁଃଖିଶ୍ୟାମ ଦାଶ, ସା/ପୋ- ଘାଟିକିଆ, ଥା- ଖଣ୍ଡଗିରି, ଜି-ଖୋର୍ଦ୍ଧାଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ଅନୀଲ୍ କୁମାର ଦାଶ ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀମତୀ ମୋନାଲିସା ପଣ୍ଡା, ସ୍ୱା-ଶ୍ରୀ ଅରବିନ୍ଦ ପଣ୍ଡା, ସା/ପୋ- ମଧ ଶାସନ, ଥା- ବିରିଡ଼ି, ଜି- ଜଗତ୍‌ସିଂହପୁରଙ୍କ ନାମରେ ମାଲିକାନା ସତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବୀ / ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଘରଟିର ମାଲିକାନା ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।

ସ୍ୱା- ସହ ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0030/2122

## ପଞ୍ଚାୟତ ଶଟ୍‌ଡାଉନ ପାଇଁ ସରପଞ୍ଚଙ୍କ ଆବେଦନ

ଖଇରା,(ଡି.ଏନ.ଏ.): ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ ଗଗନଧୂଳୀ ପଞ୍ଚାୟତରେ କୋଭିଡ ସଂକ୍ରମିତଙ୍କ ବୃଦ୍ଧିକୁ ଦୃଷ୍ଟିରେ ରଖି ସରପଞ୍ଚ ତିଲୋତ୍ତମା ମଲ୍ଲିକ ପଞ୍ଚାୟତରେ ଶଟ୍‌ଡାଉନ ଲାଗୁ କରିବାକୁ ଅନୁମତି ଲୋଡିଛନ୍ତି। ଏ ସଂକ୍ରାନ୍ତରେ ସେ ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ, ବିଡିଓ ପର୍ଶୁରାମ ପଣ୍ଡା, ଖଇରା ଥାନା ଆଇଆଇସି ସୁବ୍ରତ ବେହେରାଙ୍କୁ ବୁଧବାର ଲିଖିତ ଆବେଦନ କରିଛନ୍ତି। ଗୁରୁବାର ଠାରୁ ରବିବାର ପର୍ଯ୍ୟନ୍ତ ଏହି ଶଟ୍‌ଡାଉନ କଟକଣା ଲାଗୁ ପାଇଁ ଆବେଦନରେ ଉଲ୍ଲେଖ କରିଛନ୍ତି।

**ସଂକ୍ଷେପରେ**

## ଭୁଜାଲି ଚୋଟରେ ମୋହରିର ଗୁରୁତର

ରାଇବଣିଆ,୨୮।୪ : ବାଲେଶ୍ୱର ଜିଲା ଜଲେଶ୍ୱର ବ୍ଲକ ଅଧୀନ କେଶପୁରା ସାପ୍ତାହିକ ହାଟରେ ଦୁର୍ବୃତ୍ତଙ୍କ ଭୁଜାଲି ଚୋଟରେ ଜଲେଶ୍ୱର କୋର୍ଟର ମୋହରିର ଅଜୟ୍ କୁମାର ଦେ ଗୁରୁତର ହୋଇଛନ୍ତି। ହାଟକୁ ପରିବା କିଣିବାପାଇଁ ଆସିଥିବା ବେଳେ କେଶପୁରା ଗ୍ରାମର ଜଣେ ଯୁବକ ତାଙ୍କ ପଛପଟୁ ଭୁଜାଲିରେ ଆକ୍ରମଣ କରିଥିଲେ। ଅଜୟ୍ ନିଜକୁ ବଞ୍ଚାଇବା ଲାଗି ଦୌଡୁଥିବା ବେଳେ ଯୁବକ ଜଣକ ତାଙ୍କୁ ଗୋଡାଇ ଗୋଡାଇ ଆକ୍ରମଣ କରିଥିଲେ। କେତେକ ଲୋକ ତାଙ୍କୁ କାବୁ କରି ଜଲେଶ୍ୱର ଥାନାକୁ ଖବର ଦେଇଥିଲେ। ଗୁରୁତର ଅଜୟ୍‌ଙ୍କୁ ପ୍ରଥମେ ଜଲେଶ୍ୱର ଜିକେଭଟର ହସ୍ପିଟାଲ ଓ ପରେ ବାଲେଶ୍ୱର ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି । ଆକ୍ରମଣକାରୀଙ୍କୁ ପୋଲିସ ଅଟକ ରଖି ତଦନ୍ତ ଜାରି ରଖିଛି।

## ଯୋଗଦେଲେ ନୂଆ ଆଇଆଇସି

ଜଲେଶ୍ୱର,୨୮।୪(ଡି.ଏନ.ଏ): ବାଲେଶ୍ୱର ଜିଲା ଜଲେଶ୍ୱର ଥାନାରେ ନୂଆ ଆଇଆଇସି ଭାବେ ପରେଶ ଚନ୍ଦ୍ର ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହା ପୂର୍ବରୁ ସେ ସିମୁଳିଆ ଥାନାରେ କାର୍ଯ୍ୟ କରୁଥିଲେ। ଏଠାରେ କାର୍ଯ୍ୟରତ ଆଇଆଇସି ମାନସ କୁମାର ଦେଓଙ୍କ ପଦୋନ୍ନତି ପରେ ସାହୁ ଦାୟିତ୍ୱ ଗ୍ରହଣ କରିଛନ୍ତି। ବୁଧବାର କାର୍ଯ୍ୟଭାର ଗ୍ରହଣ ବେଳେ ଏଏସ୍‌ଆଇ ନରେନ୍ଦ୍ର ସେଠୀ, ସତ୍ୟନାରାୟଣ ବଳ, ନଗରଦୀପ ସେଠୀ ପ୍ରମୁଖ ଉପସ୍ଥିତ ରହି ସ୍ୱାଗତ ଜଣାଇଥିଲେ।

## ଭେରାଇଟି ଷ୍ଟୋର୍‌ରୁ ମଦ ଜବତ

**ବାରିପଦା ଅଫିସ, ୨୮।୪:** ମୟୂରଭଞ୍ଜ ଜିଲା ଚାନ୍ଦୁଆ ଥାନା ଅଧୀନ ଅଁଳାକୁଡ଼ାରେ ଥିବା ଗୌତମ ଭେରାଇଟି ଷ୍ଟୋର ଆଣ୍ଡ ଡ୍ରାଏ ଫୁଡ୍ ଦୋକାନରୁ ପୋଲିସ ବିପୁଳ ପରିମାଣର ମଦ ଜବତ କରିଛି। ଏସପି ପରମାର ସ୍ମିଥ ପୁରୁଷୋତ୍ତମ ଦାସଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ସ୍କ୍ୱାଡ୍ ମିଳିତ ଭାବେ ଚଢ଼ାଉ କରିଥିଲେ। ତେବେ ରାଜ୍ୟ ରାଜପଥ ପାର୍ଶ୍ୱରେ ଡ୍ରାଏଫୁଡ୍ ଆଳରେ ମଦ ବ୍ୟବସାୟ ଚାଲିଥିବା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ମଦ କାରବାରର ମୁଖ୍ୟ ଅଭିଯୁକ୍ତଙ୍କୁ ତୁରନ୍ତ ତଦନ୍ତ ପରିସରଭୁକ୍ତ କରିବାକୁ ସ୍ଥାନୀୟ ଜନସାଧାରଣ ଦାବି କରିଛନ୍ତି ।

## ପାଟଣାରେ ବଢୁଛି ସଂକ୍ରମଣ

ପାଟଣା ,୨୮।୪(ସ୍ୱ.ପ୍ର.) : କେନ୍ଦୁଝର ଜିଲା ପାଟଣା ବ୍ଲକରେ କରୋନା ସଂକ୍ରମିତଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି। ଏଥିସହ ବ୍ଲକରେ ସକ୍ରିୟ ପଜିଟିଭଙ୍କ ସଂଖ୍ୟା ୧୭୭ରେ ପହଞ୍ଚିଛି। ଦ୍ୱିତୀୟ ଲହରରେ ଦ୍ରୁତ ଗତିରେ ସଂକ୍ରମଣ ବଢୁଥିଲେ ହେଁ ପ୍ରଶାସନ ପକ୍ଷରୁ କୌଣସି ଆଖିଦୃଶିଆ ପଦକ୍ଷପ ଗ୍ରହଣ କାରାଯାଉନାହିଁ ବୋଲି ସାଧାରଣରେ ଆଲୋଚନା ହେଉଛି। ପାଟଣାରେ ମଧ ଶନିବାର, ରବିବାର ସପ୍ତାହାନ୍ତ ଶଟ୍‌ଡାଉନ୍ କରିବା ସହ ବ୍ଲକର ବିଭିନ୍ନ ସ୍ଥାନରେ ହେଉଥିବା ସାପ୍ତାହିକ ହାଟକୁ ବନ୍ଦ କରିବାକୁ ମତ ପ୍ରକାଶ ପାଇଛି।

## ସହାୟତା ଅପେକ୍ଷାରେ ବୃଦ୍ଧା

**ବାଲେଶ୍ୱର ଅଫିସ,୨୮।୪:** ବାଲେଶ୍ୱର ସଦର ବ୍ଲକ ଶ୍ରୀରାମପୁର ପଞ୍ଚାୟତ ବାଇଗଣ୍ଡିଆ ଗ୍ରାମର ବୃଦ୍ଧା ଗୌରିମଣି ଦାସ ଅସହାୟ ଭାବେ ଜୀବନ ଅତିବାହିତ କରୁଛନ୍ତି। ବାରମ୍ବାର ପଞ୍ଚାୟତ ଅଫିସ୍‌ରୁ ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ କେହି ତାଙ୍କ ଗୁହାରି ନ ଶୁଣିବାରୁ ଭଙ୍ଗା ଘରେ ସେ କାଳାତିପାତ କରୁଛନ୍ତି। ୬୧ ବର୍ଷ ବୟସ୍କ ଗୌରିମଣି ବିବାହ କରି ନାହାନ୍ତି। ଅବିବାହିତା ଏବଂ ବୃଦ୍ଧାଙ୍କ ନିମନ୍ତେ ଥିବା ସରକାରୀ ସହାୟତା ପାଇବାରୁ ସେ ବଞ୍ଚିତ ହୋଇଛନ୍ତି। ଗୌରିମଣୀ ରହୁଥିବା ଘରର ଛପର କରି ପାରୁ ନ ଥିବାରୁ ବର୍ଷା ହେଲେ ଘରେ ପାଣି ପଶୁଛି। ଦୁଇଓଳି ଦି'ମୁଠା ଖାଇବା ପାଇଁ ସେ ଗାଁ ଗାଁ ବୁଲି ଭିକ୍ଷାବୃତ୍ତି କରୁଛନ୍ତି। ସହାୟତା ପାଇଁ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଜଣାଇଥିଲେ ମଧ ସେ କୌଣସି ପଦକ୍ଷେପ ନେଇ ନ ଥିବା ଗୌରିମଣି ଅଭିଯୋଗ କରିଛନ୍ତି। ଏନେଇ ସ୍ଥାନୀୟ ବାସିନ୍ଦା ଅସନ୍ତୋଷ ପ୍ରକାଶ କରି ଗୌରିମଣିଙ୍କୁ ଆବାସ ଯୋଜନାରେ ଘର ଓ ଭତ୍ତା ପ୍ରଦାନ କରିବା ପାଇଁ ଦାବି କରିଛନ୍ତି।

# ଓଭରହେଡ୍ ଟାଙ୍କି ଅଛି, ମିଳୁନି ପାଣି

**ଭଦ୍ରକ ଅଫିସ,୨୮।୪**

ଭଦ୍ରକ ଜିଲାରେ ପାନୀୟ ଜଳ ଯୋଗାଣ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଜିଲାରେ ମୋଟ ୧୮୬ଟି ଓଭରହେଡ୍ ଟାଙ୍କି କାର୍ଯ୍ୟକ୍ଷମ ଥିବା କୁହାଯାଉଛି। ହେଲେ ସମସ୍ତ ଟାଙ୍କି କେବଳ କାଗଜକଲମରେ କାର୍ଯ୍ୟକ୍ଷମ ବୋଲି ସାଧାରଣରେ ଅଭିଯୋଗ ହେଉଛି। ପ୍ରାୟତଃ କେଉଁଠି ପମ୍ପ ଖରାପ ତ ଅନ୍ୟ କେଉଁଠି ଗାଁର ଆବଶ୍ୟକତାକୁ ମେଣ୍ଟାଇ ପାରୁନାହିଁ ପାଣିଟାଙ୍କି। ସେହିପରି କେଉଁଠି ନିମ୍ନମାନର କାର୍ଯ୍ୟ ଯୋଗୁ ବାରମ୍ବାର ପାଇପ୍‌ଗୁଡ଼ିକ ଫାଟି ଯାଉଥିବା ଦେଖିବାକୁ ମିଳିଛି। ଫଳରେ ଜଳ ଯୋଗାଣ ସ୍ୱାଭାବିକ ହୋଇପାରୁ ନାହିଁ।

ପ୍ରକାଶ ଯେ, ଭଦ୍ରକ ପୌରାଞ୍ଚଳ ଚରମ୍ପାଠାରେ ୫ବର୍ଷ ପୂର୍ବେ ଏକ ଓଭରହେଡ୍ ଟାଙ୍କି ଓ ଭୂତଳ ଟାଙ୍କି ପୃଥକ୍ ପୃଥକ୍ ଭାବେ ନିର୍ମାଣ କରାଯାଇଥିଲା। ବିଦ୍ୟୁତ୍ ସଂଯୋଗ ନ ରହିଲେ ମଧ ପ୍ରାୟ ୧ ହଜାରରୁ ଉର୍ଦ୍ଧ୍ୱ ଉପଭୋକ୍ତାଙ୍କୁ ପାନୀୟ ଜଳ ଯୋଗାଣ ହୋଇପାରିବ ବୋଲି ଲକ୍ଷ୍ୟ ଥିଲା। କିନ୍ତୁ ନିର୍ମାଣ ଦିନଠାରୁ ଗୋଟିଏ ଦିନ ମଧ ଏହା କାର୍ଯ୍ୟକ୍ଷମ ହୋଇନାହିଁ। ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବରୁ ଏହି ଦୁଇ ପାଣିଟାଙ୍କି କାର୍ଯ୍ୟକ୍ଷମ ହୋଇପାରୁ ନ ଥିବା ସ୍ଥାନୀୟ ଅଧିବାସୀ ନଳିନୀ ଦାସ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ସେ ବହୁବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ କୌଣସି ସୁଫଳ ମିଳି ନ ଥିବା କହିଛନ୍ତି।

ସେହିପରି ବନ୍ତ ବ୍ଲକରେ ୨୦, ଭଣ୍ଡାରିପୋଖରୀରେ ୧୯, ବାସୁଦେବପୁରରେ ୨୪, ଭଦ୍ରକରେ ୨୦, ଚାନ୍ଦବାଲିରେ ୩୮, ଧାମନଗରରେ ୨୨, ତିହିଡ଼ିରେ ୪୧, ଚାନ୍ଦବାଲି ଏନ୍‌ଏସିରେ ଗୋଟିଏ ଓ ଭଦ୍ରକ ପୌରପାଳିକାରେ ଗୋଟିଏ ଓଭରହେଡ୍ ଟାଙ୍କି କାର୍ଯ୍ୟକ୍ଷମ ଥିବା କୁହାଯାଇଛି। ଏହି ପ୍ରକଳ୍ପଗୁଡ଼ିକ ନିର୍ମାଣ ସମୟରେ ୩ ଫୁଟ ତଳେ ପାଇପ୍ ବିଛାଇବା ପରିବର୍ତ୍ତେ ମାତ୍ର ୧ ଫୁଟ ତଳେ ବିଛାଯାଉଥିବାରୁ ଅଳ୍ପଦିନରେ ପାଇପ୍‌ଗୁଡ଼ିକ ଫାଟି ଯାଉଥିବା ଜଣାପଡ଼ିଛି। ଜିଲାରେ ୪୯.୩୨ ପ୍ରତିଶତ ଘରକୁ ପାଇପ୍ ପାଣି, ୧୬୩୪ଟି ସ୍କୁଲ ମଧ୍ୟରୁ ୧୧୦୫ ଓ ୧୨୪୨ଟି ଅଙ୍ଗନୱାଡି କେନ୍ଦ୍ର ମଧ୍ୟରୁ ୪୬୪ ଟିକୁ ପାଇପ୍ ଲାଇନ ସଂଯୋଗ ହୋଇଛି। ବାରମ୍ବାର ବିଭିନ୍ନ ସମସ୍ୟା କାରଣରୁ ପାଣି ପାଇବାରେ ସମସ୍ୟା ସୃଷ୍ଟି ହେଉଛି। ଚାନ୍ଦବାଲି ବ୍ଲକର ୫ଟି, ଭଦ୍ରକର ୩, ଧାମନଗରର ୨ ଓ ତିହିଡ଼ିର ଗୋଟିଏ ଏହିଭଳି ମୋଟ ୧୧ ପଞ୍ଚାୟତର ୨୮୪ ଗାଁ ସମ୍ପୂର୍ଣ୍ଣ ପାନୀୟ ଜଳ ପ୍ରକଳ୍ପ ଉପରେ ନିର୍ଭର କରୁଥିବା ସରକାରୀ ରେକର୍ଡ କହୁଥିବା ବେଳେ ନିମ୍ନମାନର କାର୍ଯ୍ୟ ଯୋଗୁ ଭୂତଳ ଜଳସ୍ତର କମିବାରୁ ଏହିସବୁ ପ୍ରକଳ୍ପ ଅଚଳ ହୋଇପଡୁଥିବା ଅଭିଯୋଗ ହେଉଛି। ଅନେକ ପ୍ରକଳ୍ପ ବନ୍ଦ ପଡ଼ିଛି। ବନ୍ତ ବ୍ଲକର ଗୋପୀନାଥପୁର, ମହାନ୍ତିପଡ଼ା ଭଳି ଗାଁର ଓଭରହେଡ୍ ଟାଙ୍କି ଦୀର୍ଘଦିନ ଧରି କାର୍ଯ୍ୟକ୍ଷମ ହୋଇପାରି ନାହିଁ। ଏଭଳି ସମସ୍ୟା ସମ୍ପର୍କରେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ରାମକୃଷ୍ଣ ମିଶ୍ରଙ୍କୁ ପଚାରିବାରୁ କହିଛନ୍ତି, ଅଗ୍ରାଧିକାର ଭିତ୍ତିରେ ସୁଧାର ଅଣାଯାଉଛି। ଏହାବ୍ୟତୀତ ଓଭରହେଡ୍ ଟାଙ୍କି ନିର୍ମାଣ ସମୟରେ ବିଭାଗୀୟ ଯନ୍ତ୍ରୀଙ୍କ ଦ୍ୱାରା କାର୍ଯ୍ୟ ତଦାରଖ ହୁଏ। ଏଣୁ ନିମ୍ନମାନର କାର୍ଯ୍ୟ ହୋଇନାହିଁ। ଭଦ୍ରକ ଜନସ୍ୱାସ୍ଥ୍ୟ ବିଭାଗ ଉପଖଣ୍ଡ ନିର୍ବାହୀ ଯନ୍ତ୍ରୀ ମନୋରଞ୍ଜନ ଯେନା ଚରମ୍ପା ଓଭରହେଡ୍ ଟାଙ୍କି ସମସ୍ୟା କଥା ସ୍ୱୀକାର କରିବା ସହ ଖୁବ୍‌ଶୀଘ୍ର ସୁଧାର ଅଣାଯିବ ବୋଲି କହିଛନ୍ତି।



ଚରମ୍ପାଠାରେ ଥିବା ଓଭରହେଡ୍ ଟାଙ୍କି।

## ଜଳସଙ୍କଟ ନେଇ ଗ୍ରାମବାସୀ ଜିଲାପାଳଙ୍କ ଦ୍ୱାରସ୍ଥ

**କେନ୍ଦୁଝର, ୨୮।୪ (ସ୍ୱ.ପ୍ର.)**

ବର୍ତ୍ତମାନ ସମୟରେ ସବୁଠି ପାଣି ସମସ୍ୟା ଲାଗି ରହିଥିବା ବେଳେ ଜଳ ସଂରକ୍ଷଣ କରିବା ପାଇଁ ସଚେତନ କରାଯାଉଛି । କିନ୍ତୁ ପାଟଣା ବ୍ଲକ ଅନ୍ତର୍ଗତ ଖିରେଇଟାଙ୍ଗିରି ଗ୍ରାମରେ ଥିବା କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନ ବଡ ବନ୍ଧରୁ ଜଳ ନିଷ୍କାସନ କରିବାର ମାସେ ବିତିଯାଇଥିଲେ ହେଁ ପୁନରୁଦ୍ଧାର କାର୍ଯ୍ୟ ହେଉ ନ ଥିବାରୁ ଜଳ ସମସ୍ୟା ଦେଖାଦେବା ନେଇ ଗ୍ରାମବାସୀ ଆଶଙ୍କା କରି ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି । ପ୍ରକାଶ ଯେ ସ୍ୱତନ୍ତ୍ର ଅନୁଦାନ ପାଣ୍ଠିରେ ଏହି ବଡ ବନ୍ଧ ପୋଖରୀର ପଙ୍କ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଛି। ପ୍ରାୟ ୫ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଏହି ବନ୍ଧରେ ସୂଚନା ଫଳକ ନ ଲଗାଇ ଏହାର ବନ୍ଧ କାଟି ପାଣି ନିଷ୍କାସନ କରିଦିଆଗଲା। କିନ୍ତୁ ମାସେ ହେଲା ପୁନରୁଦ୍ଧାର କାମ ହୋଇ ପାରୁନାହିଁ। ଫଳରେ ଲୋକ ମାନେ ପ୍ରବଳ ଖରାରେ ଜଳ ସଙ୍କଟକୁ ନେଇ ଚିନ୍ତାରେ ରହିଛନ୍ତି। ଆଗକୁ ବର୍ଷା ଆସିଲେ କାମ ହୋଇ ପାରିବ ନାହିଁ। ଏଣୁ ଏଭଳି ପରିସ୍ଥିତିରେ ଗ୍ରାମବାସୀ ପଦକ୍ଷେପ ନେବାକୁ ଜିଲାପାଳଙ୍କ ଠାରେ ଅଭିଯୋଗ କରିଛନ୍ତି। ଏନେଇ ପାଣି ପଞ୍ଚାୟତ ସମ୍ପାଦକ ଅଶୋକ କୁମାର ମହାନ୍ତ କହିଛନ୍ତି ଯେ ସରପଞ୍ଚଙ୍କୁ ଜଣାଇ ଦିଆଯାଇଛି । କିନ୍ତୁ କାମ ହେବ ବୋଲି କହି ଗଡାଉଛନ୍ତି । ଅନ୍ୟ ପକ୍ଷରେ ସରପଞ୍ଚ ବନଜ କୁମାର ନାଏକ କହିଛନ୍ତି ଯେ କରୋନା ପାଇଁ କାମରେ ବିଳମ୍ବ ହୋଇଛି । ତେବେ ଦୁଇ ତିନି ଦିନ ମଧ୍ୟରେ କାମ ଆରମ୍ଭ ହେବ।

## ଶାଶୁଭୁଆସୁଣୀ ମନ୍ଦିର ମରାମତି ନେଇ ଆଲୋଚନା



ମନ୍ଦିର ମରାମତି ସମ୍ପର୍କରେ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସହ ଆଲୋଚନା କରାଯାଉଛି।

**ବାସୁଦେବପୁର,୨୮।୪(ଡି.ଏନ.ଏ.)**

ଭଦ୍ରକ ଜିଲା ବାସୁଦେବପୁର ବ୍ଲକର ଶାଶୁଭୁଆସୁଣୀ ମନ୍ଦିର ମରାମତି ପାଇଁ ପରିଚାଳନା କର୍ତ୍ତୃପକ୍ଷ, ପଞ୍ଚାୟତବାସୀ ସ୍ଥାନୀୟ ବିଧାୟକ ବିଷ୍ଣୁବ୍ରତ ରାଉତରାୟଙ୍କ ସହ ଆଲୋଚନା କରିଛନ୍ତି। ବାସୁଦେବପୁର ଅଞ୍ଚଳର ପୁରାତନ ଶକ୍ତିପୀଠ ଏହି ମନ୍ଦିର ମଧଭାଗରେ ଏକ ଫାଟ ସୃଷ୍ଟି ହୋଇଥିବାରୁ ମନ୍ଦିର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପୂଜକ ରତ୍ନାକର ମହାକୁଡ଼, ସରପଞ୍ଚ ପ୍ରତିନିଧି ଶରତ ମଲିକ, ସମିତିସଭ୍ୟ ପ୍ରତିନିଧି ଋଷି ମଲିକ, ବିଧାୟକ ପ୍ରତିନିଧି ଅସିତ ଦାସ, ସରପଞ୍ଚ ଦୀନବନ୍ଧୁ ଦାସ, ପୂର୍ବତନ କାଉନସିଲର ମାନସ ସାହୁ, ପଞ୍ଚାୟତ କନିଷ୍ଠ ଯନ୍ତ୍ରୀ ହିମାଂଶୁ ମହାନ୍ତି, ଜିଲା ପରିଷଦ ସଭ୍ୟା ବିଦ୍ୟୁତଲତା ରାଉତ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ସୂର୍ଯ୍ୟକାନ୍ତ ମଲିକ ପ୍ରମୁଖ ଆଲୋଚନା ବେଳେ ଉପସ୍ଥିତ ଥିଲେ।

# ମହାପୁରୁଷଙ୍କ ପ୍ରତିମୂର୍ତ୍ତି ନିର୍ମାଣ ଦାବି




ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ 'ଫ୍ୟୁଚର ବାଲେଶ୍ୱର'ର ସଦସ୍ୟ।

**ବାଲେଶ୍ୱର ଅଫିସ,୨୮।୪**

ବାଲେଶ୍ୱର ଜିଲାର ଗରିମା ବୃଦ୍ଧି କରିଥିବା ମହାପୁରୁଷମାନଙ୍କ ପ୍ରତିମୂର୍ତ୍ତି ନିର୍ମାଣ ପାଇଁ 'ଫ୍ୟୁଚର ବାଲେଶ୍ୱର' ଅନୁଷ୍ଠାନ ପକ୍ଷରୁ ଦାବି କରାଯାଇଛି। ବୁଧବାର ସଂଗଠନର କର୍ମକର୍ତ୍ତା ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରି ଜିଲାର ବିଭିନ୍ନସ୍ଥାନରେ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି ଜଣାଇଥିଲେ।

ଅନୁଷ୍ଠାନର ଦାବି ଅନୁସାରେ, ତତ୍କାଳୀନ ବାଲେଶ୍ୱର ଜିଲା ସ୍କୁଲର ଉଚ୍ଚ ପଦପଦବୀ ଛାଡ଼ି ଶିକ୍ଷକତା କରୁଥିବା କୁଳବୃଦ୍ଧ ମଧୁସୂଦନ ଦାସ, କବିବର ରାଧାନାଥ ରାୟ ଓ ବ୍ୟାସକବି ଫକୀରମୋହନ ସେନାପତି ପ୍ରମୁଖ ସହରରେ ଥିବା ଗଡ଼ଗଡ଼ିଆ ଛକ ସନ୍ନିକଟ ପୋଖରୀ ତୁଠରେ ନିୟମିତ ବସି ଓଡ଼ିଆ ଭାଷା ସାହିତ୍ୟକୁ ଏକ ସ୍ୱତନ୍ତ୍ର ଭାଷାର ଜାତୀୟସ୍ତରର ମାନ୍ୟତା ପାଇଁ ଆଲୋଚନା କରୁଥିଲେ। ସେହି ୩ ମହାପୁରୁଷଙ୍କର ପ୍ରତିମୂର୍ତ୍ତି ଏପର୍ଯ୍ୟନ୍ତ ଉକ୍ତ ସ୍ଥାନରେ ହୋଇ ନ ପାରିବା ଅତ୍ୟନ୍ତ ଦୁଃଖ ଓ ପରିତାପର ବିଷୟ। ସେହିପରି ବାଲେଶ୍ୱରର ଏକମାତ୍ର ପ୍ରେକ୍ଷାଳୟ ଗାନ୍ଧୀ ସ୍ମୃତି ଭବନରେ ଜାତିର ଜନକ ମହାତ୍ମାଗାନ୍ଧୀଙ୍କର ପ୍ରତିମୂର୍ତ୍ତି ସ୍ଥାପନ ନ ହେବା ଏବଂ ସର୍ବୋପରି ଯୁବପିଢ଼ିଙ୍କର ପ୍ରେରଣାଦାତା ସ୍ୱାମୀ ବିବେକାନନ୍ଦଙ୍କର ପ୍ରତିମୂର୍ତ୍ତି ବିବେକାନନ୍ଦ ମାର୍ଗରେ ସ୍ଥାପନ ନ କରାଯିବା ଜିଲାବାସୀଙ୍କ ପାଇଁ ଅତ୍ୟନ୍ତ ଲଜ୍ଜା ଓ ଦୁର୍ଭାଗ୍ୟଜନକ ବିଷୟ ବୋଲି ସଙ୍ଗଠନର ସଭାପତି ଆଇନଜୀବୀ ବିଜୟ କୁମାର ପାଣିଗ୍ରାହୀ ପ୍ରକାଶ କରିଛନ୍ତି। ଏଥିସହିତ ମହାପୁରୁଷଙ୍କର ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ସ୍ୱତନ୍ତ୍ର ସ୍ଥାନ ଚିହ୍ନଟ କରିବା ପାଇଁ ସଙ୍ଗଠନ ପକ୍ଷରୁ ଦୁକୁଲ ଚନ୍ଦ୍ର ଘଡ଼ାଇ, ଭବାନୀ ଶଙ୍କର ପଣ୍ଡା, ସଂଯୁକ୍ତା ରାଣୀ ବେହେରା, ଆଲୋକ କୁମାର ଦାସ ଦାବି ଜଣାଇଛନ୍ତି।

## ସଙ୍ଗରୋଧ କେନ୍ଦ୍ରର ସ୍ଥାନ ନିରୂପଣକୁ ବିରୋଧ

**ହାଟଡିହୀ, ୨୮।୪(ଡି.ଏନ.ଏ.)**

କେନ୍ଦୁଝର ଜିଲା ହାଟଡିହୀ ବ୍ଲକ କଳିଙ୍ଗା ପଞ୍ଚାୟତରେ କୋଭିଡ୍ ପାଇଁ ସଙ୍ଗରୋଧ କେନ୍ଦ୍ରର ସ୍ଥାନ ନିରୂପଣକୁ ନେଇ ବିରୋଧ ହୋଇଛି। କଳିଙ୍ଗା ହାଇସ୍କୁଲକୁ ସଙ୍ଗରୋଧ କେନ୍ଦ୍ର କରିବା ପାଇଁ ସ୍ଥିରୀକୃତ ହୋଇଛି । କିନ୍ତୁ କଳିଙ୍ଗା ଓ ଇଚ୍ଛାପୁର ଗ୍ରାମକୁ ଲାଗି ଉକ୍ତ ହାଇସ୍କୁଲ ଅବସ୍ଥିତ। ବାୟୁ ଦ୍ୱାରା କରୋନା ବ୍ୟାପୁଥିବାରୁ ହାଇସ୍କୁଲରେ ଏହି କେନ୍ଦ୍ର ହେଲେ ଗ୍ରାମବାସୀ ଏହାର ଦୁର୍ଦ୍ଦଶା ଭୋଗ କରିବେ । ଫଳରେ ସଙ୍ଗରୋଧ କେନ୍ଦ୍ରର ସ୍ଥାନ ପରିବର୍ତ୍ତନ କରି ଅଳ୍ପ ଦୂରରେ ଥିବା କଇଥଗଡ଼ିଆ ସ୍କୁଲକୁ ଏହି କେନ୍ଦ୍ର କରିବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ମୟୂରଭଞ୍ଜରେ କୋଭିଡ୍ ଟିକା ଅଭାବ

**ବାରିପଦା ଅଫିସ,୨୮।୪**

ମୟୂରଭଞ୍ଜ ଜିଲାରେ କୋଭିଡ୍ ଟିକାର ଅଭାବ ଦେଖାଦେଇଛି। ଟୀକା ନେବାକୁ ଆସି ୨ ଦିନ ହେବ ବହୁ ଲୋକ ନିରାଶ ହୋଇ ଫେରୁଛନ୍ତି। ବୟସ୍କ ଲୋକେ ଘରୁ ବାହାରି ଟିକାକରଣ କେନ୍ଦ୍ରକୁ ଆସି ସଂକ୍ରମଣର ଶିକାର ହେବା ଭୟ ରହୁଥିବାରୁ ଘରେ ଘରେ ଟିକାକରଣ ଆରମ୍ଭ କରିବାକୁ ଦାବି ହୋଇଛି। ଜିଲାର ୨୬ଟି ବ୍ଲକରେ ମୋଟ ୭୨ଟି ଟିକାକରଣ କେନ୍ଦ୍ରରୁ ସଦର ମହକୁମା ବାରିପଦା ସମେତ ୨୩ଟି ବ୍ଲକରେ ଟିକା ମିଳୁନି। କେବଳ ବିଶୋଇ, ବିଜାତଳା ଓ ତିରିଂ ବ୍ଲକରେ ଟିକାକରଣ ଚାଲିଥିବା ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ା ରୂପଭାନୁ ମିଶ୍ର ସୂଚନା ଦେଇଛନ୍ତି।

# ୪ ମାସରେ ୮୮ ଅଗ୍ନିକାଣ୍ଡ

- ଫୁଟିଗଲାଣି ୨୦ବର୍ଷର ଟାଙ୍କି
- ଖରାପ ହୋଇପଡ଼ିଛି ବଡ଼ ପମ୍ପ

**ଖଇରା, ୨୮।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକରେ ଗତ ୪ ମାସରେ ପାଖାପାଖି ୮୮ଟି ଅଗ୍ନିକାଣ୍ଡ ଘଟି ଅନ୍ୟୁନ ୧୫ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି। ଖଇରା ଅଗ୍ନିଶମ ବାହିନୀର ପ୍ରଚେଷ୍ଟା ଯୋଗୁ ୪୦ଲକ୍ଷ ଟଙ୍କାର ସମ୍ପତ୍ତି ରକ୍ଷା ହୋଇପାରିଛି । ମାର୍ଚ୍ଚରେ ସର୍ବାଧିକ ୪୪ ଓ ଏପ୍ରିଲରେ ଅଦ୍ୟାବଧି ୧୦ଟି ଅଗ୍ନିକାଣ୍ଡ ଘଟିଥିବା ଅଗ୍ନିଶମ କାର୍ଯ୍ୟାଳୟ ସୂତ୍ରରୁ ଜଣାପଡିଛି। ଖଇରା ଅଗ୍ନିଶମ କାର୍ଯ୍ୟାଳୟରେ ଥିବା ପୁରୁଣା ଯନ୍ତ୍ରପାତିକୁ ବଦଳା ନ ଯିବା କିମ୍ବା ସଜଡା ଯାଉ ନ ଥିବାରୁ ନିଆଁଲିଭା କାର୍ଯ୍ୟରେ ବାଧକ ସାଜୁଥିବା କର୍ମଚାରୀମାନେ କହିଛନ୍ତି।

ଜାନୁଆରୀରେ ୮ଟି ଅଗ୍ନିକାଣ୍ଡ ଘଟିଥିବା ବେଳେ ୫ ଗୃହପାଳିତ ପ୍ରାଣୀଙ୍କୁ ଉଦ୍ଧାର କରାଯାଇଛି ଓ ଜଣେ ବ୍ୟକ୍ତି ପୋଡି ହୋଇ ଆହତ ହୋଇଛନ୍ତି। ସେହିଭଳି ଫେବୃୟାରୀରେ ୨୪, ମାର୍ଚ୍ଚରେ ୪୪ ଓ ଏପ୍ରିଲରେ ଅଦ୍ୟାବଧି ୧୦ଟି ଅଗ୍ନିକାଣ୍ଡ ଘଟିଯାଇଛି। ଫେବୃୟାରୀରେ ୪ଲକ୍ଷ, ମାର୍ଚ୍ଚରେ ୬ଲକ୍ଷ ଓ ଏପ୍ରିଲରେ ଏପର୍ଯ୍ୟନ୍ତ ସାଢେ ୩ଲକ୍ଷ ଟଙ୍କାର ସମ୍ପତ୍ତି ନଷ୍ଟ ହୋଇସାରିଛି। ଏହାଛଡା ଫେବୃୟାରୀରେ ୫, ମାର୍ଚ୍ଚରେ ୮ ଓ ଏପ୍ରିଲରେ ୬ ଅଗ୍ନିକାଣ୍ଡ ଘଟି ଗୃହପାଳିତ ପ୍ରାଣୀଙ୍କ ଜୀବନ ରକ୍ଷା ହୋଇପାରିଛି। କେବଳ ଏପ୍ରିଲରେ ୨ଟି ଗୋରୁ ଜୀବନ୍ତଦଗ୍ଧ ହୋଇ ପ୍ରାଣ ହରାଇଛନ୍ତି। ସେହିଭଳି ବଡ ପାଣି ପମ୍ପ ୩ମାସ ଧରି ମରାମତି ଅଭାବରୁ ପଡିରହିଛି। ପୁରୁଣା ବଡ ପାଣି ଟାଙ୍କି କଣା ହୋଇଯିବାରୁ ପାଣି ସଂରକ୍ଷଣ ବେଶୀ ସମୟ ପର୍ଯ୍ୟନ୍ତ କରାଯାଇପାରୁନାହିଁ । ଫାୟାର ମ୍ୟାନ ସମେତ ଅନେକଗୁଡିଏ ପଦବୀ ଖାଲି ପଡିଥିବାରୁ କାର୍ଯ୍ୟ ମଧ ସୂଚାରୁ ରୂପେ ସମ୍ପାଦିତ ହୋଇପାରୁ ନ ଥିବା ଜଣାଯାଇଛି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଧ୍ୟାନ ଦେଇ ସମସ୍ୟାଗୁଡିକର ସମାଧାନ କରିବାକୁ ଖଇରା ଅଞ୍ଚଳବାସୀ ଦାବି କରିଛନ୍ତି ।

# କ୍ରିକେଟ ଖେଳରୁ ମରଣାନ୍ତକ ଆକ୍ରମଣ

**ବାହାନଗା,୨୮।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଗୋପାଳପୁର ଫାଣ୍ଡି ଅଧୀନ ତାଳପଦା ଗ୍ରାମରେ କ୍ରିକେଟ ଖେଳକୁ କେନ୍ଦ୍ରକରି ମରଣାନ୍ତକ ଆକ୍ରମଣ ହୋଇଛି। ଉଭୟ ପକ୍ଷରୁ ଅଭିଯୋଗ କ୍ରମେ ଥାନାରେ ୨ଟି ମାମଲା ରୁଜୁ କରାଯାଇଛି। ସୂଚନା ଅନୁସାରେ, ମଙ୍ଗଳବାର ଅପରାହ୍ନରେ ତାଳପଦା ଗ୍ରାମର ସାହୁପଦାରେ ପିଲାମାନେ କ୍ରିକେଟ ଖେଳୁଥିଲେ। ଏହି ସମୟରେ ଦୁଇପକ୍ଷ ମଧ୍ୟରେ ବଚସା ହୋଇ ମାର୍‌ପିଟ୍ ହେବା ସହ ଏହାକୁ କେନ୍ଦ୍ରକରି ସେମାନଙ୍କ ପରିବାର ଲୋକଙ୍କ ମଧ୍ୟରେ ଗଣ୍ଡଗୋଳ ହୋଇଥିଲା। ଏଥିରେ ଉଭୟ ପକ୍ଷର ୪ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଚିକିତ୍ସା ପାଇଁ ଗୋପାଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ପରେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ଉଭୟ ପକ୍ଷରୁ ଗୋପାଳପୁର ଫାଣ୍ଡିରେ ଲିଖିତ ଅଭିଯୋଗ ପରେ ଅଧିକାରୀ ବଂଶୀଧର ପ୍ରଧାନ ତଦନ୍ତ ଆରମ୍ଭ କରିଛନ୍ତି। ଥାନାରେ ମାମଲା (ନଂ. ୧୩୪/୨୧ ଓ ୧୩୫/୨୧) ରୁଜୁ ହୋଇଛି।

## 'ମନୋଜ ଥିଲେ ସାହିତ୍ୟ ଜଗତର ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା'

**ଖଇରା,୨୮।୪(ଡି.ଏନ.ଏ.)**

ଓଡ଼ିଆ ଓ ଇଂରାଜୀ ସାହିତ୍ୟର ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା ଯଶସ୍ୱୀ ସାଧକ ତଥା ପୁଡୁଚେରୀ ଅରବିନ୍ଦ ଅନ୍ତର୍ଜାତୀୟ ବିଶ୍ୱ ବିଦ୍ୟାଳୟର ପ୍ରାଧ୍ୟାପକ ମନୋଜ ଦାସଙ୍କ ବିୟୋଗରେ ଖଇରାର ବିଭିନ୍ନ ସଂଗଠନ ତରଫରୁ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଖଇରା ସାମ୍ବାଦିକ ସଂଘ ତଥା ଓଡ଼ିଶା ସାମ୍ବାଦିକ ୟୁନିୟନ ବାଲେଶ୍ୱର ଶାଖାର ମିଳିତ ସହଯୋଗରେ ଖଇରା କଲେଜ ଛକରେ ଆୟୋଜିତ ସଭାରେ ଗଙ୍ଗାଧର ରାଉତ ପୌରୋହିତ୍ୟ କରିଥିଲେ। ଖଇରା କଲେଜର ପ୍ରାଣୀ ବିଜ୍ଞାନ ପ୍ରାଧ୍ୟାପକ ପ୍ରବୋଧ କୁମାର ମହାପାତ୍ର ମୁଖ୍ୟବକ୍ତା, ବରିଷ୍ଠ ଖବରଦାତା ଅନାମ ଚରଣ ପଣ୍ଡା ସମ୍ମାନିତ ବକ୍ତା ଭାବେ ଯୋଗ ଦେଇ ଦାସଙ୍କର କାଳଜୟୀ ଲେଖା 'ଆରଣ୍ୟକ', 'କନକ ଉପତ୍ୟକାର କାହାଣୀ', 'ଶେଷ ବସନ୍ତର ଚିଠି', 'ଅବୋଲକରା କାହାଣୀ' ଉପରେ ବର୍ଣ୍ଣନା କରିବା ଅବସରରେ ସେ ସାହିତ୍ୟ ଜଗତର ଅପ୍ରତିଦ୍ୱନ୍ଦ୍ୱୀ ସ୍ରଷ୍ଟା ବୋଲି କହିଥିଲେ । ଖଇରା ସାମ୍ବାଦିକ ସଂଘର ସଭାପତି ଉତ୍କଳ ବନ୍ଧୁ ପଣ୍ଡା, ସମ୍ପାଦକ ବଳରାମ ଲେଙ୍କା, କୋଷାଧକ୍ଷ ଧନଞ୍ଜୟ ପଣ୍ଡା, ଉପସଭାପତି ତପୋଧନ ବାରିକ, କିଶୋର ବେହେରା, ନିଶିକାନ୍ତ ମହାନ୍ତି, ସଞ୍ଜୟ ବେହେରା, ଆଲୋକ ପଣ୍ଡାଳ ପ୍ରମୁଖ ଯୋଗ ଦେଇ ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିଥିଲେ।



ଖଇରାରେ ବିଭିନ୍ନ ସଂଗଠନ ପକ୍ଷରୁ ମନୋଜ ଦାସଙ୍କ ସ୍ମୃତିଚାରଣ କରାଯାଉଛି।

## ଭୋଗରାଇରେ ଶ୍ରଦ୍ଧାଞ୍ଜଳି

**ଭୋଗରାଇ,୨୮।୪(ଡି.ଏନ.ଏ.)**

ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ କଥାକାର, ବିଶିଷ୍ଟ ସାହିତ୍ୟିକ, ପଦ୍ମଭୂଷଣ ଡ. ମନୋଜ ଦାସଙ୍କ ଦେହାନ୍ତରେ ସାରା ଭୋଗରାଇ ଅଞ୍ଚଳ ଏକ ପ୍ରକାର ସ୍ତବ୍ଧ ହୋଇଯାଇଛି। ବାଲେଶ୍ୱର ଜିଲା ଭୋଗରାଇ ବ୍ଲକର ଶଙ୍ଖାରୀ ଗ୍ରାମରେ ଜନ୍ମିତ ଏହି ମହାମାନବଙ୍କ ମୃତ୍ୟୁ ଖବର ପହଞ୍ଚିବା ପରେ ଭୋଗରାଇରେ ସବୁ ମହଲରେ ଶୋକର ଛାୟା ଖେଳିଯାଇଛି। ଜିଲା ଯୋଜନା କମିଟି ଅଧକ୍ଷ ତଥା ଭୋଗରାଇ ବିଧାୟକ ଅନନ୍ତ ଦାସ, ପୂର୍ବତନ ବିଧାୟକ ସୁକାନ୍ତ ଚାନ୍ଦ, ବ୍ଲକ ଚେୟାରମ୍ୟାନ ମଞ୍ଜୁରାଣୀ ବେହେରା, ଭାଇସ୍ ଚେୟାରମ୍ୟାନ ଦୀପକ କୁମାର ଦାସ, କଂଗ୍ରେସ ନେତା ସତ୍ୟଶିବ ଦାସ, ପୂର୍ବତନ ଭାରତୀୟ ପ୍ରଶାସନିକ ଅଧିକାରୀ ପରେଶ ଚନ୍ଦ୍ର ନାୟକ, ଭାଜପା ନେତା ଅଂଶୁମାନ ମହାନ୍ତିଙ୍କ ସମେତ ବହୁ ସାରସ୍ୱତ ସାଧକ, ଗଣସଙ୍ଗଠନ, ଶ୍ରୀମା ଅରବିନ୍ଦଙ୍କ ଶିଷ୍ୟମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଡ. ଦାସଙ୍କ ବିୟୋଗରେ ବୁଧବାର ଭୋଗରାଇର ବିଭିନ୍ନ ସ୍ଥାନରେ ହାଟବଜାର ବନ୍ଦ ରହିଥିଲା।

# ଶୁଖିବାକୁ ବସିଛି କାନଝରୀ ଡ୍ୟାମ



**କେନ୍ଦୁଝର, ୨୮।୪ (ସ୍ୱ.ପ୍ର.)**

କେନ୍ଦୁଝର ସଦର ବ୍ଲକ ଅନ୍ତର୍ଗତ କାନଝରୀ ଜଳସେଚନ ପ୍ରକଳ୍ପ ବିଭିନ୍ନ କାରଣରୁ ଶୁଖିବାକୁ ବସିଛି । ବର୍ଷା ଅଭାବରୁ କାନଝରୀ ନଦୀର ଜଳସ୍ରୋତ ପ୍ରବାହ ବନ୍ଦ ହୋଇ ଯାଇଥିବାରୁ ବନ୍ଧକୁ ଜଳ ପ୍ରବେଶ କରୁନାହିଁ । ଫଳରେ ଡ୍ୟାମର ଜଳଧାରଣ ଅଞ୍ଚଳ ଶୁଷ୍କ ହୋଇ ପଡିଛି। ପ୍ରକାଶ ଯେ, ଏହି ଡ୍ୟାମ ପର୍ଯ୍ୟଟକଙ୍କ ଆକର୍ଷଣ ପାଲଟିବା ସହିତ ସ୍ଥାନୀୟ ଅଞ୍ଚଳବାସୀଙ୍କ ଜୀବନଜୀବିକାର ସାଧନ ହୋଇଛି। ଏଠାକୁ ବହୁ ସଂଖ୍ୟାରେ ପକ୍ଷୀ ଆସିଥାନ୍ତି । ଜଙ୍ଗଲ ପରିବେଷ୍ଟିତ ଏହି ଡ୍ୟାମକୁ ବନ୍ୟଜନ୍ତୁ ମାନେ ପାଣି ପିଇବାକୁ ଆସିଥାନ୍ତି। ଏହି ଡ୍ୟାମରୁ ଚାଷ ଜମିକୁ ଜଳସେଚନ ହେବା ସହ କେନ୍ଦୁଝର ସହରକୁ ପାନୀୟ ଜଳ ଯୋଗାଣ ହୋଇଥାଏ ଏବଂ ମାଛ ଚାଷ ହୋଇଥାଏ। ଏଣୁ ଏହି ସବୁ ଦୃଷ୍ଟିରୁ ଜିଲାରେ ଏହି ବନ୍ଧର ଗୁରୁତ୍ୱ ଅଧିକ ବହନ କରିଥାଏ। ତେବେ ଦୀର୍ଘ ବର୍ଷ ହେଲା ଏହି ବନ୍ଧର ଜଳଧାରଣ ଅଞ୍ଚଳ ବ୍ୟାପକ ମୃତ୍ତିକା କ୍ଷୟ ଯୋଗୁ ମାଟି ପଡି ପୋତି ହୋଇଯାଉଥିବାରୁ ଜଳଧାରଣ କ୍ଷମତା କମିଯାଉଛି । ଏଣୁ ଏହାର ଖନନ ଓ ପୁନରୁଦ୍ଧାର ଆବଶ୍ୟକତା ରହିଛି ବୋଲି ପରିବେଶବିତ ଡକ୍ଟର ବିଦ୍ୟାଧର ବେହେରା ମତପ୍ରକାଶ କରିଛନ୍ତି। ସେହିପରି ଏହା ଚାରିପାଖରେ ବହୁ ପରିମାଣରେ ବନୀକରଣ କରାଗଲେ ମୃତ୍ତିକାକ୍ଷୟକୁ ରୋକାଯାଇପାରିବ ସହ ଜୈବମଣ୍ଡଳର ସୁରକ୍ଷା କରାଯାଇପାରିବ ବୋଲି ସେ କହିଛନ୍ତି। ଏହାର ବିକାଶ କରାଗଲେ ଚାରିପାଖରେ ଥିବା ୪ ଗ୍ରାମର ଲୋକେ ଉପକୃତ ହୋଇ ପାରିବେ । ଏହି ଦୃଷ୍ଟିରୁ ଏହି ସବୁ ଅଞ୍ଚଳର ବିକାଶ ପଞ୍ଚାୟତ ସ୍ତରରେ ଆରମ୍ଭ ହୋଇଛି।

